ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Energy(OD)/ 1470/18-03-2021**

## ଶକ୍ତିମନ୍ତ୍ରୀଙ୍କୁ ସାକ୍ଷାତ କଲେ ଟାଟା ପାୱାର ଅଧ୍ୟକ୍ଷ
## ଉନ୍ନତ ମାନର ବିଦ୍ୟୁତ ସେବା ଯୋଗାଣ ଉପରେ ଆଲୋଚନା

ଭୁବନେଶ୍ୱର, ତା.୧୮/୦୩/୨୦୨୧

ଶକ୍ତିମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାଟା ପାୱାରର ଅଧ୍ୟକ୍ଷ (ଟିଏଣ୍ଡଡି) ଶ୍ରୀ ସଂଜୟ କୁମାର ବାଙ୍ଗା ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟରେ ତାଙ୍କ ସଂସ୍ଥା ବିଦ୍ୟୁତ ସେବା ଯୋଗାଇ ଦେବାରେ ବର୍ତ୍ତମାନ ସୁଦ୍ଧା ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ଅବଗତ କରିଥିଲେ । ଖୁବ୍‌ଶୀଘ୍ର ରାଜ୍ୟରେ ଉତ୍ତମ ମାନର ବିଦ୍ୟୁତ ଯୋଗାଣ ସହ ଉପଭୋକ୍ତାଙ୍କୁ ସହଜ ଓ ସରଳ ଭାବେ ବିଲ୍ ପଇଠ, ନୂତନ ଲାଇନ୍ ସଂଯୋଗ, ବ୍ରେକ୍ ଡାଉନ୍ ମରାମତି ଭଳି ସେବା ତ୍ୱରିତ ଭାବେ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଏହି ଅବସରରେ  ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର ଟାଟା ପାୱାର ବିଦ୍ୟୁତ କର୍ମଚାରୀମାନଙ୍କ ଦକ୍ଷତା ବିକାଶ, ଯନ୍ତ୍ରାଂଶ ମରାମତି, ତାଲିମ ପ୍ରଦାନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ସମ୍ବଳର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ତତ୍‌ବ୍ୟତୀତ ବୈଷୟିକ ଜ୍ଞାନକୌଶଳ ବିକାଶ ସକାଶେ ସେ ଓଡ଼ିଶାରେ କାର୍ଯ୍ୟ କରୁଥିବା ବୈଷୟିକ ସଂସ୍ଥାଗୁଡ଼ିକ ସହ ସହବନ୍ଧନ କରିବାକୁ ପରାମର୍ଶ ଦେଇଥିଲେ । ଏହି ସାକ୍ଷାତ ଆଲୋଚନା ସୌଜନ୍ୟମୂଳକ ଥିଲା ଏବଂ ଏହି ଅବସରରେ ଶ୍ରୀ ବାଙ୍ଗାଙ୍କ ସହ ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଏମ୍. ସେନ୍‌ବାଗାମ୍ ଉପସ୍ଥିତ ଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ